# ଅରୁଣିମା
# Arunima
A Newsletter of TPSODL

Vol - 2
Issue 3
Aug - Sep 2024

www.tpsouthernodisha.com


## CEO's Desk



Mr. Amit Kumar Garg, CEO

***As we release the latest edition of Arunima, I want to take a moment to reflect on our collective journey and the milestones we've achieved together at TPSODL. Our commitment to delivering reliable power and exceptional service to our communities has been unwavering, and it is this dedication that continues to propel us forward.***

***In the past months, we've faced numerous challenges, but our resilience and innovation have turned these challenges into opportunities. Whether it's through the adoption of new technologies, strengthening our infrastructure, or enhancing customer service, each of you has played a pivotal role in our success.***

***I am particularly proud of our strides in sustainable energy practices, which not only align with our corporate goals but also contribute to the broader global movement towards a greener future. Our ongoing projects in renewable energy is laying the foundation for a more sustainable tomorrow.***

***As we move forward, I encourage you all to continue embracing innovation, upholding our core values, and working collaboratively. Together, we will continue to illuminate lives and build a brighter, more sustainable future for all.***

***Thank you for your hard work and dedication.***

# Solar-Powered Energy Future through PM Surya Ghar

In Southern Odisha, a quiet revolution is unfolding, that promises to reshape the energy landscape of the region and set a new standard for sustainable living. This transformation is driven by the PM Surya Ghar Muft Bijli Yojana, a visionary government-backed initiative that's turning the dream of clean, cost-effective energy into a reality for thousands of households. At the front of this movement TP Southern Odisha Distribution Limited (TPSODL) is committed to bring the benefits of solar power to every corner of Southern Odisha.

**The initiative offers:**

Install rooftop solar panels and receive substantial government subsidies to ease the financial burden. The promise of reduced electricity costs with the opportunity to contribute to environmental sustainability has resonated deeply with communities across the region.

**Spreading it to every household:**

TPSODL understands that to make this vision a reality, awareness and accessibility are key. In a strategic move, the company, has embarked on a mission to ensure that the message of solar power reaches every household, no matter how remote; Through social media campaigns, targeted promotions, and advertisements. TPSODL has also done the partnering with local vendors, they have ensured that the installation process is as seamless as possible, with technical hurdles swiftly addressed to avoid delays. This hands-on approach extends to the subsidy application process as well, where It provides dedicated support to guide families through every step.

**Cut your cost with contributing to Climate action:**

The scheme itself is designed to be as impactful as it is accessible. With the government covering up to 40% of the installation cost, the barriers to adopting solar energy are significantly lowered, making it a viable option for a large segment of the population. This isn't just about cutting costs; it's about taking control of one's energy usage and contributing to a larger cause. There are many environmental benefits of the PM Surya Ghar Muft Bijli Yojana, contributing to climate action in reducing carbon emissions, and helping to mitigate the impacts of global warming.

For a region like Southern Odisha, where the natural environment is both a source of sustenance and vulnerability, this shift towards green energy is particularly significant.





2 Executive spotlight
3 In Focus
4 Sporting Spirit
5 Event Hub
6 Empowering Community
7 Travel Treasure
8 In News

# Executive spotlight

## "ଦକ୍ଷିଣ ଓଡ଼ିଶା ଏକ ଚମତ୍କାର ଅଞ୍ଚଳ"



**ଦକ୍ଷିଣ ଓଡ଼ିଶା ଭଳି ଦୁର୍ଗମ ଏବଂ କଷ୍ଟସାଧ ଅଞ୍ଚଳରେ ବିଦ୍ୟୁତ ସେବା ପହଞ୍ଚାଇବା ଦିଗରେ ସଦାସର୍ବଦା ନିଷ୍ଠା ସହକାରେ କାର୍ଯ୍ୟରତ ଟିପିଏସ୍ଓଡିଏଲର ଶ୍ରୀ ବିଜୟ ପ୍ରକାଶ ଶର୍ମା । ସେ କମ୍ପାନୀର ବ୍ୟାବସାୟିକ ବିଭାଗ ଚିଫ୍ ଭାବେ କାର୍ଯ୍ୟରତ ଅଛନ୍ତି। କର୍ମଜୀବନ, ସୁସ୍ଥ ଜୀବନଶୈଳୀ ଏବଂ ଦକ୍ଷିଣ ଓଡ଼ିଶାର ସଂସ୍କୃତିକୁ ନେଇ ତାଙ୍କର ମତାମତ ସମ୍ପର୍କରେ ଏହି ଆଲୋଚନା, ଏଥର ଆଳାପରେ.....**

**୦୧. ଦକ୍ଷିଣ ଓଡ଼ିଶାର ଶକ୍ତି କ୍ଷେତ୍ରରେ ହେଉଥିବା ପରିବର୍ତ୍ତନରେ ଟିପିଏସ୍ଓଡିଏଲର ଭୂମିକାକୁ ଆପଣ କିଭଳି ଦେଖୁଛନ୍ତି ?**

ଉତ୍ତର: ଦକ୍ଷିଣ ଓଡ଼ିଶାର ଅଧିକାଂଶ ଭୂଭାଗରେ ବିଜୁଳି ସେବା ଯୋଗାଇବା ଆହ୍ୱାନପୂର୍ଣ୍ଣ । ସେହିପରି ବ୍ୟାପକ ଭିତ୍ତିଭୂମିର ମଧ୍ୟ ଆବଶ୍ୟକତା ରହିଛି । ଜଙ୍ଗଲ ଓ ଚାଷ ଜମି ବହୁଳ ଏହି ଅଞ୍ଚଳକୁ ନିରନ୍ତର ବିଜୁଳି ଯୋଗାଣ ନେଇ ଆମେ ପ୍ରତିବଦ୍ଧ। ଅନ୍ୟ ରାଜ୍ୟଗୁଡ଼ିକରେ କୃଷି ଉପଭୋକ୍ତାମାନଙ୍କୁ ୮ ଘଣ୍ଟା ବିଜୁଳି ଯୋଗାଣ ହେଉଛି। କିନ୍ତୁ ଟିପିଏସ୍ଓଡିଏଲ୍ ନିଜ ପରିସୀମା ମଧ୍ୟରେ ୨୪ ଘଣ୍ଟିଆ ବିଜୁଳି ଯୋଗାଣ ଲକ୍ଷ୍ୟ ରଖି କାର୍ଯ୍ୟ କରୁଛି । କୃଷକମାନଙ୍କର ଆୟ ବୃଦ୍ଧି ସାଙ୍ଗକୁ କୃଷି କ୍ଷେତ୍ରକୁ ସଶକ୍ତ ବିଜୁଳି ଭିତ୍ତିଭୂମି ଯୋଗାଇଦେବା ଆମର ପ୍ରାଥମିକତା ରହିଛି। ଏହାସହ ବିଗତ ଦିନଗୁଡ଼ିକ ମଧ୍ୟରେ ବିଜୁଳି ଯୋଗାଣ ଗୁଣବତ୍ତାରେ ଉନ୍ନତି ହୋଇଛି । ବିଦ୍ୟୁତ ଚୋରି ହ୍ରାସ ହେବା ସହ ରାଜସ୍ୱ ଶୃଙ୍ଖଳା ବୃଦ୍ଧି ପାଇଛି । ବିଜୁଳି ଯୋଗାଣରେ ନିରନ୍ତରତା ବଜାୟ ରଖିବା ପାଇଁ ଆମେ ନିଷ୍ଠାର ସହ କାମ କରୁଛୁ ।

**୦୨. ଆପଣଙ୍କ ଖାଲି ସମୟରେ ଆପଣ କେଉଁ କାମ କରିବାକୁ ପସନ୍ଦ କରନ୍ତି?**

ଉତ୍ତର: ପ୍ରତିଦିନ ସକାଳ ୫ଟାରେ ଉଠି ମୁଁ ପ୍ରାତଃ ଭ୍ରମଣରେ ଯାଏ । ମୋ' ଦିନଚର୍ଯ୍ୟା ଏହିଠାରୁ ଆରମ୍ଭ ହୁଏ । ପାଖାପାଖି ୧୦ କିମି ଚାଲିବା ସହ ନିର୍ମଳ ତଥା ପ୍ରଦୂଷଣମୁକ୍ତ ପରିବେଶରେ ଦୁଇ ଘଣ୍ଟା ସମୟ ବିତାଏ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏବଂ ଗୋପାଳପୁର ସମୁଦ୍ର ବେଳାଭୂମି ଓ ଏହାର ଆଖପାଖ ଅଞ୍ଚଳରେ ବୁଲିବା ଓ ସମୟ ବିତାଇବାକୁ ମୁଁ ଭଲପାଏ । କାର୍ଯ୍ୟକ୍ଷେତ୍ରରେ ଯେଉଁ ଶକ୍ତି ଆବଶ୍ୟକ ହୁଏ ତାହା ମୋତେ ଏହିଠାରୁ ମିଳେ ।

**୦୩. ଆପଣ ନିଜ କର୍ମ ପ୍ରତି ସମର୍ପିତ ବୋଲି ଅନେକ ଲୋକ କୁହନ୍ତି । ପେଶାଦାର ଜୀବନ ଓ ବ୍ୟକ୍ତିଗତ ଜୀବନ ଭିତରେ ସନ୍ତୁଳନ କିପରି ବଜାୟ ରଖନ୍ତି ?**

ଉତ୍ତର: ଅତୀତର ସ୍ମୃତିକୁ ମନେ ପକାଇବାର ଏହି କ୍ରମରେ ଅବସର ସମୟ ପାଖେଇ ଆସିଲାଣି । ଜୀବନର ଅନୁଭୂତି ଓ ଅଭିଜ୍ଞତାରୁ କହିପାରିବି ଯେ, ଜୀବନର ବିଭିନ୍ନ ପର୍ଯ୍ୟାୟରେ ଅସୁବିଧା ଓ ଆହ୍ୱାନ ଆସିବ । ତାହା ପୁଣି ଭିନ୍ନ ଭିନ୍ନ । ଆମେ ସେହି ମୁହୂର୍ତ୍ତକୁ ଉପଭୋଗ କରିବା ଦରକାର। ମୁଁ ତାହା ହିଁ କରି ଆସିଛି । ପେଶାଦର ଜୀବନ ଓ ବ୍ୟକ୍ତିଗତ ଜୀବନର ଯେଉଁ ସନ୍ତୁଳନ ମୋ ଭିତରେ ରହିଛି, ଏଥିରେ ମୋ ପରିବାରର ଏକ ବଡ଼ ଭୂମିକା ରହିଛି । ମୋ ପରିବାରର ସମର୍ଥନ ପାଇଁ ମୁଁ କୃତଜ୍ଞ । କାର୍ଯ୍ୟକ୍ଷେତ୍ର ସହ ଜଡିତ ରହିବାକୁ ମୋତେ ସବୁବେଳେ ଭଲ ଲାଗେ । ମୁଁ ଜଣେ 'ୱାର୍କହଲିକ୍'।

**୦୪. ଦକ୍ଷିଣ ଓଡ଼ିଶାର ସ୍ୱତନ୍ତ୍ରତାକୁ ଆପଣ କେମିତି ବର୍ଣ୍ଣନା କରିବେ?**

ଉତ୍ତର: ଗତ ଚାରି ବର୍ଷ ମଧ୍ୟରେ ମୁଁ ସାରା ଓଡ଼ିଶା ବୁଲିଛି। ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ ୨୭ଟି ପାନ୍ଥନିବାସରେ ରହିଛି ଓ ଏହାର ଆଖପାଖ ଅଞ୍ଚଳ ବୁଲିଛି । ଅନ୍ୟ ମେଟ୍ରୋ ସହର ସହ ତୁଳନାରେ ଦକ୍ଷିଣ ଓଡ଼ିଶାର ଲୋକେ ଅଧିକ ଶାନ୍ତ ଶିଷ୍ଟ। ଏହି ଅଞ୍ଚଳର ସାଂସ୍କୃତିକ ଐତିହ୍ୟ ବେଶ୍ ପ୍ରାଚୀନ ଏବଂ ସମୃଦ୍ଧ। ସ୍ଥାନୀୟ ଲୋକେ ସେମାନଙ୍କର ଧାର୍ମିକ ବିଶ୍ୱାସକୁ ସହୃଦୟ ପାଳନ କରନ୍ତି।

ଏହି ଅଞ୍ଚଳର ଲୋକମାନଙ୍କର ବିଭିନ୍ନ କାର୍ଯ୍ୟକ୍ରମ, ବିଶେଷ କରି ବ୍ରତ କାର୍ଯ୍ୟରେ ମୁଁ ଯୋଗ ଦେଇଛି । ପାରମ୍ପରିକ ରୀତିନୀତି ଏବଂ ସାଂସ୍କୃତିକ ଜୀବନଶୈଳୀର ମିଶ୍ରଣରେ ଦକ୍ଷିଣ ଓଡ଼ିଶା ଏକ ଚମତ୍କାର ଅଞ୍ଚଳ । ଏଠାରେ ସମୟ ବିତାଇବା ମୋ ପାଇଁ ଆନନ୍ଦଦାୟକ ରହିଆସିଛି ।

**୦୫. ସ୍ଥାନୀୟ ସଂସ୍କୃତିକୁ ବୁଝିବା ଏବଂ ସମ୍ମାନ କରିବା ଦ୍ୱାରା ଆମର ବ୍ୟକ୍ତିଗତ ଏବଂ ବୃତ୍ତିଗତ ଜୀବନରେ କିଭଳି ଉନ୍ନତି ହୋଇ ପାରିବ ବୋଲି ଆପଣ ଭାବନ୍ତି ?**

ଉତ୍ତର: ଆଖପାଖରେ ଅଧିକ ଶାନ୍ତ ଓ ଧୈର୍ଯ୍ୟବାନ ମଣିଷ ରହିଲେ, କାମ କରିବା ସହଜ ହୋଇଯାଏ । ମୋତେ ଏଭଳି କାର୍ଯ୍ୟ ବାତାବରଣ ମିଳିଥିବାରୁ ମୁଁ ଖୁସି । ସେହିଭଳି ଏହାର ପ୍ରଭାବରେ ଅଞ୍ଚଳରେ ବିଜୁଳି ଚୋରିର ମାତ୍ରା ମଧ୍ୟ ହ୍ରାସ ହେଉଛି । ଏଣୁ ଏଭଳି ଲୋକଙ୍କ ଗହଣରେ କାମ କରିବା ଅପେକ୍ଷାକୃତ ଭାବେ ସହଜ । ଯେଉଁମାନେ ନିଜ ସଂସ୍କୃତି ଓ ପାର୍ବଣକୁ ଅଧିକ ଗୁରୁତ୍ୱ ଦିଅନ୍ତି ଓ ଉତ୍ସାହର ସହ ଏହାକୁ ପାଳନ କରନ୍ତି, ସେମାନଙ୍କ ଜୀବନରେ କାର୍ଯ୍ୟକ୍ଷେତ୍ରର ଚାପ କମ୍ ରହିଥାଏ ।

ଦକ୍ଷିଣ ଓଡ଼ିଶା ଲୋକଙ୍କର ଏହି ସ୍ୱଭାବ ମୋତେ ଆକର୍ଷିତ କରେ । ଏମାନେ କାର୍ଯ୍ୟକ୍ଷେତ୍ରରେ ସକ୍ରିୟ ରୁହନ୍ତି, ଅନାବଶ୍ୟକ ବାର୍ତ୍ତାଳାପରୁ ଦୂରେଇ ରୁହନ୍ତି ଓ ସ୍ପଷ୍ଟ କୁହନ୍ତି । ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନରେ ସନ୍ତୁଳନ ରକ୍ଷା କରିବା ଦିଗରେ ଏଭଳି କାର୍ଯ୍ୟ ବାତାବରଣ ବିଶେଷ ସହାୟକ ହୁଏ ।

**ଆଳାପ**

# In Focus

## TPSODL observed National Electrical Safety Month






TPSODL observed the 5th National Electrical Safety Month with the theme "Embrace Electrical Safety, Safeguard". This initiative focused on promoting electrical safety among employees, business associates, and the community to prevent electrical hazards in the workplace and raise consumer and community safety awareness.

The second phase of the "Back to Basics" program was introduced to enhance electrical safety knowledge among employees, business associates, and their families.

Additionally, the "Let's Talk Safety" program was conducted in 26 schools, educating children about electrical safety. Workshops at government ITIs in Boudh and Phulbani trained 600 students on electrical safety practices. Moreover, 33 electrical safety rallies were organized at division and sub-division levels to inform consumers about safe practices.

A Mega Seekh Session was held at 15 TSSDI, focusing on retrospective analysis of on-ground incidents. The event saw participation from approximately 4,600 business associates and employees. Safety posters were also displayed at different locations, followed by a large-scale public awareness drive during Rath Yatra, with risk assessments at 183 key locations. Furthermore, safety messages were spread through "Suraksha Sachetanata Rath" and jingles aired via All India Radio.




Through these comprehensive programs, TPSODL reinforced its commitment to safeguarding lives and preventing electrical hazards across its operations.



## Honouring Freedom:

### Independence Day at TPSODL

**In a vibrant display of patriotism and unity, TP Southern Odisha Distribution Limited (TPSODL) celebrated 78th independence day, commemorating the valour and sacrifices of our freedom fighters for the cause of freedom.**



**This event was held at the TPSODL corporate office. The highlights of the event included hoisting of the national flag by Mr. Amit Kumar Garg, CEO of TPSODL, followed by a march-past. Officers of TPSODL spoke about the nation's brave past, reiterating every employee's contribution towards nation building in alignment with the vision of 'Vikshit Bharat' by 2047.**



**Along with this, invited students from KC Girl's High school staged a dance performance on Tata Power's Generation Green Song. In anticipation of the independence day event, various engaging competitions were organized for the employees on the 13th and 14th of August. Winners of these competitions were awarded on the occasion of independence day.**

# Sporting Spirit
## Fostering the Culture of Fitness



In today's fast-paced world, maintaining a healthy work-life balance is a challenging task. Recognizing the importance of a healthy workforce, TPSODL has introduced a comprehensive Health and Fitness Program designed to promote wellness among all employees. With this objective, a fitness program was organised for employees at Rayagada Electrical Division (RED), Gunupur Division (GED) and Paralakhemundi Division (PKED) of Rayagada circle. Around 100 employees participated in this fitness program.





TPSODL is committed towards fostering a culture of health, vitality, and teamwork within the office. Through this initiative, employees will not only improve their physical fitness but also enhance their mental health, zestfulness, and overall job satisfaction. Apart from promoting fitness, the event also encouraged all the employees to prioritize taking care of their family's health, raising the bar of fitness—both professionally and personally.

## Smash the Stress



Not only in workplace but also in sports, our employees are very energetic and enthusiastic. TPSODL organised its much-awaited Badminton tournament from 24th to 26th August, 2024 at Sports Arena, Berhampur. Employees from various departments participated, transcending hierarchical boundaries and creating an atmosphere of inclusivity and a lively arena of sportsmanship. Shuttlecocks echoed throughout the hall as Badminton winners from 6 circles of TPSODL came together for the showdown.





We congratulate the winners, Shubhranshu Shekhar Sahu (winner of Men's single), Kristna Kumari Jena (winner of Women's single), Santosh Kumar Sahoo and Lakshmikanta Mandal (winners of Men's double), Rashmi Sahu and Sandhya Tara Behera (winners of Women's double) and Sanjeeb Kumar Das and Purnima Lenka (winners of Mix double).



# Event Hub

## TPSODL Celebrates JRD Tata's Birth Anniversary

Celebrating the 120th Birth Anniversary of Jehangir Ratanji Dadabhoy Tata, the father of Indian aviation, TPSODL observed Ethics Day. The event highlighted TPSODL's commitment to upholding the ethical values and principles that JRD Tata championed throughout his life.




The celebration featured a series of activities aimed at reinforcing a culture of integrity and the "JEH way" of conducting business. Employees engaged in various quizzes that emphasized the importance of ethics in both business and personal conduct, promoting the core values that JRD Tata embodied.

Mr. Milind Prabhakar Kulkarni, chief of operations, shared insights on how JRD Tata's vision continues to inspire the organization to prioritize ethical practices. They reiterated the importance of adhering to the Tata Code of Conduct (TCoC) and how it guides the company in its mission to provide reliable and sustainable power to the region.

Reflecting the values of JRD tata, TPSODL organized a series of activities, including a free health check-up camp and distribution of study materials among the children at Utkal Balashram in Jeypore. The event served as a reminder of the enduring legacy of JRD Tata and his contributions towards building a culture of ethical excellence at Tata companies.



# ରାକ୍ଷୀ ପୂର୍ଣ୍ଣମୀରେ ସୁରକ୍ଷାର ରାଣ

ରାକ୍ଷୀ ବାନ୍ଧିଲି ମୋ ରଖିବ ମାନ...! ରାକ୍ଷୀ ପୁନେଇଁ ସମସ୍ତ ଭାଇ ଭଉଣୀଙ୍କ ପାଇଁ ଏକ ଭାବାବେଗ ଭରା ପର୍ବ । କିନ୍ତୁ ଟିପିଏସ୍ଓଡିଏଲ୍ କର୍ମଚାରୀ ଏକ ନିଆରା ଢଙ୍ଗରେ ପାଳନ କରୁଛନ୍ତି ଏହି ପର୍ବକୁ। ରାକ୍ଷୀ ବାନ୍ଧି ରାଣ ମନେ ପକାଉଛନ୍ତି । ରାଣ ସୁରକ୍ଷାର, କାର୍ଯ୍ୟକ୍ଷେତ୍ରରେ ଜୀବନ ପ୍ରତି ବିପଦରୁ ରକ୍ଷାର। ହେଲେ ରାକ୍ଷୀ କୌଣସି ମଣିଷକୁ ନୁହେଁ ବରଂ ବନ୍ଧା ହେଉଛି ସୁରକ୍ଷା ଉପକରଣ ଓ ରକ୍ଷଣାବେକ୍ଷଣ କାମରେ ଆସୁଥିବା ଅନ୍ୟ ଉପକରଣଗୁଡ଼ିକୁ।

ପ୍ରତ୍ୟେକ ବର୍ଷ "ରକ୍ଷା ବନ୍ଧନ" କୁ "ସୁରକ୍ଷା ବନ୍ଧନ" ରୂପେ ପାଳନ କରାଯାଉଛି। କାର୍ଯ୍ୟକ୍ଷେତ୍ରରେ ସୁରକ୍ଷାକୁ ସୁନିଶ୍ଚିତ କରିବା ଓ ସୁରକ୍ଷାକୁ ପ୍ରୋତ୍ସାହନ ଦେବା ଏହାର ମୂଳ ଲକ୍ଷ୍ୟ । ସମସ୍ତ କର୍ମଚାରୀଙ୍କୁ ଏହା ଦ୍ୱାରା ସୁରକ୍ଷାର ବାର୍ତ୍ତା ଦିଆଯାଉଛି । ଏହା ମନେ ପକାଉଛି ଯେ ନିଜ କାର୍ଯ୍ୟ ସାରି ଘରକୁ ସୁରକ୍ଷିତ ଫେରିବାର ମଧ୍ୟ ଅଛି ଏବଂ କେବଳ କାର୍ଯ୍ୟକ୍ଷେତ୍ରରେ ନୁହେଁ ବରଂ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷାକୁ ଅନୁସରଣ କରିବା ନିହାତି ଆବଶ୍ୟକ।






**For you, With You, Always**

# Empowering Community

## Anokha Dhaaga – Empowering Women

As the whirring sound of sewing machines filled the air inside TPSODL's Anokha Dhaaga centre, the rhythmic to and fro moving of paddles by lady tailors sitting near their sewing machines marked the beginning of a journey towards self-reliance. Just as a tailor sews a torn piece of cloth together, TPSODL strives to bridge the existing gap between women tailors and market skills through its unique initiative called 'Anokha Dhaaga'.

As part of our commitment to giving back to the local community, CSR team has inaugurated the first Anokha Dhaaga center in Ganjam, Odisha. This CSR initiative focuses on empowering women through sewing training. It aims to equip women with valuable skills through a comprehensive training program, coupled with market linkages to ensure sustainable income generation.



The inauguration ceremony was graced by distinguished guests including Ms. Manju Garg (Madam CEO), Mr. Vijay Prakash Sharma, Chief Commercial Officer, and Mr. Ajay Kumar Das, Block Project Coordinator for the Odisha Livelihood Mission. The ceremony concluded with a symbolic tree planting.

# Generation Green

## Campaign to Promote Sustainability



Sustainability is more than just a CSR initiative for TPSODL. It is a part of the company's day to day business, aligned with the vision of creating a greener world. To further disseminate the idea of sustainable development, company's CSR team organized 'Generation Green' campaign at different schools in Berhampur and Jeypore.

Under the aegis of 'Club Enerji' initiative, TPSODL reached out to students, inspiring the young generation to become brand ambassadors for 'Generation Green'. Employees from TPSODL highlighted some important topics like renewable energy, conservation of energy, environment pollution, minimizing waste etc..

More than 200 students actively participated in this event. Drawing, poster making and quiz competitions were organized for the students, which allowed them to express their creative ideas and vision for a sustainable future. Along with this, study materials and notes were also distributed among students.



# Travel Treasure

## ଓଡ଼ିଶାର କାଶ୍ମୀର 'ଦାରିଙ୍ଗବାଡ଼ି'

ଓଡ଼ିଶାର କାଶ୍ମୀର ଭାବେ ପରିଚିତ କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡ଼ି । ମାଳ ମାଳ ପାହାଡ଼ ଉପରେ ଏହାର ଅବସ୍ଥିତି । ନିତିଦିନିଆ ଜଞ୍ଜାଳରୁ ଟିକିଏ ବିରତି ନେଇ ନିରୋଳା ପ୍ରକୃତିକୁ ଅତି ପାଖରୁ ଦେଖିବା ପାଇଁ ହେଲେ ଦାରିଙ୍ଗବାଡ଼ି ସବୁଠୁ ସୁନ୍ଦର ଜାଗା । ସହରୀ କୋଳାହଳରୁ ଦୂରରେ ଏହାର ଶାନ୍ତ ପରିବେଶ । ଚାରିଆଡେ ଶୁଦ୍ଧ ବାତାବରଣ, ତା'ସାଙ୍ଗକୁ ଶୀତଳ ପବନର ଛୁଆଁ । ଋତୁ ବଦଳେ, ପାଣିପାଗ ବଦଳେ । ହେଲେ ଦାରିଙ୍ଗବାଡ଼ିର ସୌନ୍ଦର୍ଯ୍ୟ ଊଣା ହୁଏନି । ଯେମିତି ମୌସୁମୀର ସ୍ପର୍ଶରେ ପାହାଡ଼କୁ ଢାଙ୍କିଦିଏ ସବୁଜିମାର ଚଦର, ଆଉ ଶୀତ ସକାଳରେ ସହର ସାରା ଖେଳିଯାଏ ବୁନ୍ଦା ବୁନ୍ଦା ବରଫ ।

ଡେଙ୍ଗା ଡେଙ୍ଗା ଶାଗୁଆନ, ପାଇନ୍ ଗଛ ଓ ଘଞ୍ଚ ଝାଉଁ ବଣ ଘେରି ରହିଛନ୍ତି ଦାରିଙ୍ଗବାଡ଼ିକୁ । ଥଣ୍ଡା ଅନୁଭୂତ ହେଉଥିବାରୁ କଫି ଚାଷ ପାଇଁ ଉପଯୁକ୍ତ ଏହି ସ୍ଥାନ । କଫି ବଗିଚା ବୁଲିବା ସହ କାଫେରେ ବସି ଥଣ୍ଡା ପାଗ ସାଙ୍ଗକୁ ଉଷୁମ କଫିର ମଜା ନେଇ ପାରିବେ । ଏଠାରେ ସ୍ଥାନୀୟ ଲୋକେ କନ୍ଧମାଳ ହଳଦୀ, କଫି ସହ ବିଭିନ୍ନ ପ୍ରକାର ସୁଗନ୍ଧିତ ମସଲା ଜାତୀୟ ଦ୍ରବ୍ୟ ବିକ୍ରି କରନ୍ତି । ଏହାସହ ଦାରିଙ୍ଗବାଡ଼ି ଆଖପାଖରେ ରହିଛି ତିନୋଟି ଜଳପ୍ରପାତ ମିଦୁବାନ୍ଦା, ପୁତୁଡ଼ି ଏବଂ ଲଭର୍ସ ପଏଣ୍ଟ । ପିଲାଙ୍କ ମନୋରଞ୍ଜନ ପାଇଁ ହିଲ୍ ଭିଉ ପାର୍କ ଓ ନେଚର୍ ପାର୍କ ଅଛି ଏବଂ ହିଲ୍ ଭିଉ ପଏଣ୍ଟରେ ଛିଡ଼ା ହେଲେ ସମ୍ପୂର୍ଣ୍ଣ ଦାରିଙ୍ଗବାଡ଼ିର ସୌନ୍ଦର୍ଯ୍ୟ ଉପଭୋଗ କରି ହୁଏ ।

ଏଠାରେ ପର୍ଯ୍ୟଟକେ ଦେଖିବାକୁ ପାଇବେ କନ୍ଧ ଜନଜାତିଙ୍କ ବସତି ଓ ସେମାନଙ୍କ ଜଙ୍ଗଲୀ ସଂସ୍କୃତି । ପାହାଡ଼କୁ ଥାକ ଥାକ କରି ସୋପାନ ପ୍ରଣାଳୀରେ ମକା, ହଳଦୀ, ସୋରିଷ ଚାଷ କରନ୍ତି ଏଠାକାର ଆଦିବାସୀ । ସରଳ ଜୀବନ ଶୈଳୀ ଆପଣାଇଥିବା ଏହି ଆଦିବାସୀଙ୍କ ନିଷ୍କପଟ ହସ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କ ହୃଦୟ ଜିଣିବା ପାଇଁ ଯଥେଷ୍ଟ । ଦାରିଙ୍ଗବାଡ଼ିରେ ପ୍ରତି ରବିବାର ଦିନ ଆଦିବାସୀଙ୍କ ହାଟ ବସେ, ଯାହା ସହରୀ ପର୍ଯ୍ୟଟକଙ୍କୁ ନିଆରା ଅନୁଭୂତି ଦେବ ନିଶ୍ଚୟ । ବ୍ରହ୍ମପୁରରୁ ସୋରଡ଼ା ରାସ୍ତା ଦେଇ ଗଲେ ଦାରିଙ୍ଗବାଡ଼ିରେ ପହଞ୍ଚି ପାରିବେ। ଦୂରତା ପ୍ରାୟ ୧୨୦ କିମି। ଅଙ୍କା ବଙ୍କା ସର୍ପିଳ ଘାଟି ରାସ୍ତା ଦେଇ ଯିବାକୁ ପଡେ । ହାତୀଙ୍କ ଚଲାପଥ ସାଜିଥିବା ଏହି ରାସ୍ତାକୁ ଘୋଡାଇ ରଖିଛନ୍ତି ଦୁଇ ପାର୍ଶ୍ୱରେ ଥିବା ଝଙ୍କାଳିଆ ଗଛ ସବୁ । ସେପଟେ ପାହାଡ଼ ଉପରେ ଭାସୁଥାଏ ଧଳା ବାଦଲ । ସ୍ଥାନେ ସ୍ଥାନେ କୁଳୁକୁଳୁ ଶବ୍ଦ କରି ବହିଯାଉଛି ପାହାଡ଼ି ଝରଣା । ଏସବୁ ଦୃଶ୍ୟ ଭିତରେ ମନରେ ଆପେ ଆସିଯାଏ ହିମାଚଳର କୁଲୁ ମନାଲିର ଚିତ୍ର । ଝରଣାର ଝର ଝର ନାଦ ସାଙ୍ଗକୁ ଜଙ୍ଗଲୀ କୀଟପତଙ୍ଗଙ୍କ ନାନା ରକମର ଶବ୍ଦ ମିଶି ତିଆରି ହୁଏ ଏକ ପ୍ରକାର ଅରଣ୍ୟର ସ୍ୱର, ଯାହା ପଥିକଙ୍କୁ କରିଦିଏ ପ୍ରକୃତି ମନସ୍କ ।

ବ୍ରିଟିଶ୍ ଶାସନ କାଳରେ ଡେରିଂ ସାହେବ ଏଠାକୁ ଆସିଥିବାରୁ ଏହାର ନାମ ଦାରିଙ୍ଗବାଡ଼ି ହୋଇଛି। ବିଶେଷ କରି ଶୀତ ଦିନେ ବଣଭୋଜି କରିବା ପାଇଁ ପର୍ଯ୍ୟଟକଙ୍କ ସୁଅ ଛୁଟେ । ଏଠାରେ ରହିବା ପାଇଁ ହୋଟେଲ ବ୍ୟବସ୍ଥା ଅଛି, କିମ୍ବା ରାତିରେ କ୍ୟାମ୍ପ ଲଗାଇ ମଧ୍ୟ ରହିପାରିବେ। କହିବାକୁ ଗଲେ, ଦାରିଙ୍ଗବାଡ଼ି ହେଉଛି ଆଡ୍ଭେଞ୍ଚର ଭଲ ପାଉଥିବା ପର୍ଯ୍ୟଟକଙ୍କ ପାଇଁ ଭୂସ୍ୱର୍ଗ।

















# In News

## ସକାଳ (THE SAKALA)

Berhampur - 30 Jul 2024 - Page 5

### ଓଡ଼ିଶା ସିଏସ୍ଆର୍ ଆଣ୍ଡ ସଷ୍ଟେନବିଲିଟି ଏକ୍ସଲେନ୍ସ ଆୱାର୍ଡ-୨୦୨୪ରେ ଟିପିଏସ୍ଓଡିଏଲ୍ ସମ୍ମାନିତ



## ଅପହଞ୍ଚ ଇଲାକାରେ ପହଞ୍ଚିଛି ଆଲୁଅ

### ଲାଞ୍ଜିଆ ସଉରା ଆଦିବାସୀଙ୍କ ଘରକୁ ଆଲୋକିତ କରୁଛି ଟିପିଏସ୍ଓଡିଏଲ୍











## TPSODL works to provide disaster resilient power infra at MKCG

STATESMAN NEWS SERVICE
BHUBANESWAR, 9 AUGUST

TPSODL (TP Southern Odisha Distribution Limited) has undertaken significant steps to provide uninterrupted and quality electricity services to Maharaja Krushna Chandra Gajapati Medical College and Hospital (MKCG) and the City Hospital in Berhampur.

The company is currently working on laying underground cables to supply power to these two hospitals. Prioritising uninterrupted healthcare services during disaster situations, TPSODL is developing this resilient infrastructure with funding from the State Disaster Management Authority.

Once the underground cabling is complete, the hospitals' power supply will remain unaffected during natural disasters and maintenance activities, said a release issued by the discom on Friday.

"At TPSODL, our mission is to ensure reliable, resilient and quality Power supply. By prioritising uninterrupted electricity for MKCG and City Hospital, we are committed to establishing Disaster-Resilient Power Infrastructure. Our dedicated team is working tirelessly to make this vision a reality," said Mr. Amit Kumar Garg, CEO of TPSODL.

In the MKCG premises alone, there are 19 separate transformers supplying electricity to various units and departments of the hospital.

## ଏମ୍‌କେସିଜି ଓ ସିଟି ହସ୍ପିଟାଲକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ହେବ

## ସମ୍ବାଦ

### ଟିପିଏସ୍ଓଡିଏଲ୍ ପ୍ରସ୍ତୁତ କରୁଛି ବିପର୍ଯ୍ୟୟ ନିରୋଧୀ ବିଜୁଳି ଭିତ୍ତିଭୂମି



## ଆସିକାରେ ନୂଆ ୮ ଏମ୍‌ଭିଏ ଟ୍ରାନ୍ସଫର୍ମର ସ୍ଥାପନ

### ବିଜୁଳି ଯୋଗାଣକୁ ଆହୁରି ସୁଦୃଢ଼ କରିବ ଟିପିଏସ୍ଓଡିଏଲ୍



ଆସିକା,୧୨।୮/ଏନ୍‌ଏନ୍‌ଏସ୍: ଆସିକା ଇଲେକ୍ଟ୍ରିକାଲ୍ ସବ୍ ଡିଭିଜନ୍ ଅଧୀନସ୍ଥ ବଲିସିରା ଓ ଆସିକା ସେକ୍ସନର ବିଜୁଳି ଉପଭୋକ୍ତାମାନଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇବା ପାଇଁ ଟିପିଏସ୍ଓଡିଏଲ୍ ପକ୍ଷରୁ ଆସିକା ଏନ୍‌ଏସି ଅଧୀନସ୍ଥ ରାଜୁଆ ରୋଡ ମୁଖ୍ୟ ଗାଈ ପାର୍ଶ୍ୱ ଷ୍ଟେସନ ପରିସରରେ ଏକ ନୂଆଁ ୩୩ କେଭି/୧୧ କେଭି ୮ ଇଭାଲ୍ୟୁଏସନ୍ ସପରୁ ମେଗାଭୋଲ୍ଟ ... ନୂତନ ଟ୍ରାନ୍ସଫର୍ମର ସ୍ଥାପନ ... ଏହି ନୂଆଁ ୮ ଏମ୍‌ଭିଏ ... ହଜାର ... ବୁଦ୍ଧଦେବପଲ୍ଲୀ, କର୍ପୂରେଶ୍ୱରୀ, କେ.ନୂଆଁପଲ୍ଲୀ, ଦେବଲ୍ଲୀ, ନିରାକ, ଗିରିପୁର, ଖଇରେଇ, ମାଣ୍ଡିନ, ନଦରପୁର, ଜେଳିଆପୁର, ମଙ୍ଗଳପୁର ତଥା ଏହାର ଆଖପାଖ ଅଞ୍ଚଳର ବିଦ୍ୟୁତ ଉପଭୋକ୍ତାଙ୍କୁ ଲୋ ଭୋଲ୍ଟେଜ୍ ସମସ୍ୟା, ବିଜୁଳି ବାଧାଜନିତ ସମସ୍ୟା ଓ ବର୍ଦ୍ଧିତ ବିଜୁଳି ଚାହିଦାକୁ ମେଣ୍ଟାଇବାରେ ସକ୍ଷମ ହୋଇପାରିବ ବୋଲି କୁହାଯାଉଛି। ଏହା ସହ ବିଜୁଳି ଯୋଗାଣର ସ୍ଥିରତାକୁ ମଧ୍ୟ ଏହି ନୂତନ ୮ ଏମ୍‌ଭିଏ ଟ୍ରାନ୍ସଫର୍ମର ବୃଦ୍ଧି କରିବାରେ ସକ୍ଷମ ହୋଇପାରିବ । ନିର୍ବାଧିତ ବିଜୁଳି ପ୍ରବାହ ... ହେବ

## ସମ୍ବାଦ

### ଟିପିଏସ୍ଓଡିଏଲ୍ ପକ୍ଷରୁ ସ୍ୱାଧୀନତା ଦିବସ



ବ୍ରହ୍ମପୁର, ୧୬।୮ : ଭାରତର ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗକୁ ଓ ବଳିଦାନକୁ ସମ୍ମାନ ଦେଇ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ(ଟିପିଏସ୍ଓଡିଏଲ୍) ପକ୍ଷରୁ ୭୮ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। କମ୍ପାନିର ନେତୃବୃନ୍ଦ ଏବଂ କର୍ମଚାରୀଙ୍କ ଉପସ୍ଥିତିରେ କର୍ପୋରେଟ ଅଫିସରେ ଉତ୍ସାହର ସହ ଏହା ପାଳିତ ହୋଇଛି। ଏହି ଅବସରରେ ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରେ କମ୍ପାନିର ସୁରକ୍ଷା କର୍ମୀମାନେ ମାର୍ଚ୍ଚ-ପାଷ୍ଟ ପ୍ରଦର୍ଶନ କରିଥିଲେ। ଟିପିଏସ୍ଓଡିଏଲର ଅଧିକାରୀମାନେ ଭାରତର ଗୌରବମୟ ଇତିହାସକୁ ମନେ ପକାଇବା ସହ ବିକଶିତ ଭାରତର ସ୍ୱପ୍ନ ସାକାର କରିବା ଦିଗରେ ପ୍ରତ୍ୟେକ କର୍ମଚାରୀଙ୍କ ଯୋଗଦାନ ଉପରେ ଆଲୋକପାତ କରିଥିଲେ। ଜେଭି ବାଳିକା ଉଚ୍ଚବିଦ୍ୟାଳୟର ଛାତ୍ରୀ ଟାଟା ପାୱାରର 'ଭେନେରେସନ ସ୍ତୁତି' ଗୀତରେ ନୃତ୍ୟ ପରିବେଷଣ କରିଥିଲେ। ସ୍ୱାଧୀନତା ଦିବସ ଅବସରରେ ଅଗଷ୍ଟ ୧୩ ଓ ୧୪ ତାରିଖରେ ଦୁଇ ଦିନ ଧରି କର୍ମଚାରୀମାନଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ସ୍ୱାଧୀନତା ଦିବସରେ ପୁରସ୍କୃତ କରାଯାଇଥିଲା। କମ୍ପାନିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ ସ୍ୱାଧୀନତା ଦିବସ ଅବସରରେ ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇଥିଲେ। ସମସ୍ତେ ସ୍ୱାଧୀନତା ସଂଗ୍ରାମୀଙ୍କ ଆଦର୍ଶକୁ ସମ୍ମାନ ଦେବା ସହ ସମାଜର ସବୁ ବର୍ଗକୁ ସାଥିରେ ନେଇ ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଚେଷ୍ଟିତ ହେବା ଆବଶ୍ୟକ ବୋଲି ଶ୍ରୀ ଗର୍ଗ କହିଥିଲେ।

BERHAMPUR Edition
Page No.15 August 17, 2024

**TP SOUTHERN ODISHA DISTRIBUTION LIMITED**

(A Joint Venture of Tata Power and Government of Odisha)

24 x 7 Toll-free Call Centre: 1800-345-6797/1912

corpcomm@tpsouthernodisha.com